# NATIONAL NEWS BULLETIN (ODIA)

## 17 June 2026

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ଭାଗିଦାରୀ ଗଠନ ଦିଗରେ 'ବିଶ୍ୱାସ ହିଁ ମୂଳମନ୍ତ୍ର' ବୋଲି ଜି-୭ ଜନସମ୍ପର୍କ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ମତବ୍ୟକ୍ତ
- ବିଶ୍ୱ ସ୍ୱାସ୍ଥ୍ୟ ଏବଂ ବିକାଶ କ୍ଷେତ୍ରରେ ଭାରତ ସମେତ ଭାଗିଦାରୀ ରାଷ୍ଟ୍ରଗୁଡ଼ିକ ସହିତ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଜି-୭ର ଗୁରୁତ୍ୱାରୋପ
- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ କିଶାଉ ବହୁବିଧ ଡ୍ୟାମ ପ୍ରକଳ୍ପ ସମ୍ପର୍କିତ ଚୁକ୍ତିନାମା ସ୍ୱାକ୍ଷରିତ

– ୬ଟି ରାଜ୍ୟ ହେବେ ଉପକୃତ

- 'ନିଶାମୁକ୍ତ ଭାରତ ସପ୍ତାହ'କୁ ଆଜି ଉଦ୍‌ଘାଟନ କରିବେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ

ଏବଂ

- ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଆଜି ଅନୁଷ୍ଠିତ ହେବ ଲକ୍ଷ୍ନୌରେ

# ପିଏମ୍– ଆଉଟରିଚ୍ ସମିଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଫ୍ରାନ୍ସର ଏଭିଆନ୍‌ଠାରେ ଅନୁଷ୍ଠିତ ଜି-୭ ସମ୍ମିଳନୀର ନୂତନ ସହଭାଗିତା ଗଠନ ଏବଂ ଆନ୍ତର୍ଜାତିକ ସଂହତିର ପୁନଃନିର୍ମାଣ ଶୀର୍ଷକ ଏକ ଜନସମ୍ପର୍କ ଅଧିବେଶନରେ ନିଜର ଅଭିଭାଷଣ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଏହି ଅଧିବେଶନ କାଳରେ ପ୍ରଧାନମନ୍ତ୍ରୀ ସମଗ୍ର ବିଶ୍ୱରେ ଏକ ଆନ୍ତର୍ଜାତିକ ଭାଗିଦାରୀ ଗଠନ ଦିଗରେ ବିଶ୍ୱାସର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଭାରତ ସର୍ବଦା ମାନବିକତାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଆସିଛି। ଆନ୍ତର୍ଜାତିକ ସୌରମେଣ୍ଟ, ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ଲାଗି କରାଯାଇଥିବା ଗଠବନ୍ଧନ, ମିଶନ ଲାଇଫ୍, ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ଏବଂ 'ଏକ ପେଡ଼ ମା' କେ ନାମ' ଅଭିଯାନ ଭଳି ଭାରତ ନେତୃତ୍ୱାଧୀନ ପଦକ୍ଷେପଗୁଡ଼ିକରେ ଏହି ମାନବିକତା ଦୃଷ୍ଟିକୋଣ ପ୍ରତିଫଳିତ ହେଉଛି। ଆନ୍ତର୍ଜାତିକ ଭାଗିଦାରୀ ସମ୍ପର୍କିତ ଭାରତର ଦୃଷ୍ଟିକୋଣ 'ବସୁଧୈବ କୁଟୁମ୍ବକମ୍' ଚିନ୍ତାଧାରା ଉପରେ ଆଧାରିତ ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି,  ଶ୍ରୀଲଙ୍କାରେ ଘୂର୍ଣ୍ଣିଝଡ଼ ହେଉ, ଆଫଗାନିସ୍ତାନରେ ଭୂମିକମ୍ପ ବା ମୋଜାମ୍ବିକ୍‌ରେ ବନ୍ୟା ଭଳି ବିଶ୍ୱର ଯେକୌଣସି ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତ ଏହି ସମାବେଶୀ ଚିନ୍ତାଧାରା ସହିତ ପ୍ରଥମ ରାଷ୍ଟ୍ରଭାବେ ପ୍ରଭାବିତ ଦେଶକୁ ସାହାଯ୍ୟ କରିଥାଏ।

ଭାରତର ସମାବେଶୀ ଏବଂ ନିରନ୍ତର ଅଭିବୃଦ୍ଧି ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ମନ୍ତ୍ର ମାଧ୍ୟମରେ ଭାରତ ଆର୍ଥିକ ସମାବେଶୀ, ସ୍ୱାସ୍ଥ୍ୟ ସୁରକ୍ଷା, ଡିଜିଟାଲ ପରିଚୟ, ବୈଷୟିକ ଜ୍ଞାନକୌଶଳ ନେତୃତ୍ୱାଧୀନ ଜନସଶକ୍ତୀକରଣ ଏବଂ ମହିଳା ନେତୃତ୍ୱାଧୀନ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ସଫଳତା ହାସଲ କରିପାରିଛି। ତେବେ ଆନ୍ତର୍ଜାତିକ ସଂହତି ଗଠନ ଦିଗରେ ଆନ୍ତର୍ଜାତିକ ନିୟମକୁ ଉପଯୁକ୍ତ ସମ୍ମାନ ନ ଦେବା ହିଁ ଏ କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗକୁ ପ୍ରାଥମିକତା ଦେଇ ସମାଧାନ କରାଯିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବା ଦିଗରେ ଆନ୍ତର୍ଜାତିକ ଭାଗିଦାରୀ ସର୍ବଦା କଥାବାର୍ତ୍ତା ଓ କୂଟନୀତି ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଜି-୭ ଆଉଟପସନ୍

ବିଶ୍ୱ ସ୍ୱାସ୍ଥ୍ୟ ଏବଂ ବିକାଶ କ୍ଷେତ୍ରରେ ଭାରତ ସମେତ ଅନ୍ୟାନ୍ୟ ଭାଗିଦାରୀ ରାଷ୍ଟ୍ରଗୁଡ଼ିକ ସହିତ ସହଯୋଗକୁ ଅଧିକ ସୁଦୃଢ଼ କରିବା ଲାଗି ଜି-୭ ରାଷ୍ଟ୍ର ସମୂହ ବିବିଧ ପଦକ୍ଷେପ ଘୋଷଣା କରିଛନ୍ତି। ବିଶେଷ କରି କଙ୍ଗୋ ଓ ଉଗାଣ୍ଡାରେ ପୁଣି ଦେଖାଦେଇଥିବା ଇବୋଲା ଭୂତାଣୁକୁ ନିୟନ୍ତ୍ରଣ କରିବା ଦିଗରେ ଏକ ସମନ୍ୱିତ ଆନ୍ତର୍ଜାତିକ ପ୍ରୟାସ ଉପରେ ଜି-୭ ଗୁରୁତ୍ୱ ଦେଇଛି। ଭାରତ, ଇଜିପ୍ଟ, କେନିଆ ଓ ଦକ୍ଷିଣ କୋରିଆ ଏଥିଲାଗି ଚିହ୍ନଟ ପ୍ରକ୍ରିୟା ଓ ପ୍ରତିଷେଧକ ବ୍ୟବସ୍ଥାକୁ ସୁସଂହତ କରିବା ତଥା ସୀମାବର୍ତ୍ତୀ ଅଞ୍ଚଳରେ ତଦାରଖ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ବିଭିନ୍ନ ଗୋଷ୍ଠୀକୁ ଏ ଦିଗରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।  ଏହି ଭୂତାଣୁ ଜନିତ ସଂକ୍ରମଣ ଲାଗି ଭ୍ୟାକସିନ୍‌ର ବିକାଶ ତଥା ଚିକିତ୍ସା ପଦ୍ଧତି ଦିଗରେ ବିଶ୍ୱ ନେତୃବୃନ୍ଦ ମିଳିତ ଭାବେ ପ୍ରୟାସ କରିବା ଲାଗି ଜି-୭ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏତଦ୍‌ବ୍ୟତୀତ ବିଶ୍ୱସ୍ତରରେ କ୍ୟାନସର ରୋଗ ବିରୁଦ୍ଧରେ ଲଢ଼େଇ କରିବାର ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଦିଗରେ ଜି-୭ ପକ୍ଷରୁ ନିଜର ପ୍ରତିବଦ୍ଧତା ଜାହିର କରାଯାଇଛି। ସେହିଭଳି ଏକ ନିରନ୍ତର ଆର୍ଥିକ ଅଭିବୃଦ୍ଧି ହାସଲ ଦିଗରେ ଆନ୍ତର୍ଜାତିକ ସହଯୋଗ ବଜାୟ ରଖିବା ଉପରେ ମଧ୍ୟ ଜି-୭ ପ୍ରତିଶ୍ରୁତିବଦ୍ଧ ବୋଲି ଘୋଷଣା କରାଯାଇଛି।

# ପିଏମ୍ ଟ୍ରମ୍ପ ମିଟିଂ

ଜି-୭ ସମ୍ମିଳନୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦ୍ୱିପକ୍ଷୀୟ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଗତ ବର୍ଷ ଫେବୃଆରୀ ମାସରେ ୱାଶିଂଟନ ଡିସିଠାରେ ଉଭୟ ନେତା ଶେଷଥର ଲାଗି ଦ୍ୱିପକ୍ଷୀୟ ବୈଠକରେ ପରସ୍ପରକୁ ଭେଟିଥିଲେ। ଆଜିର ବୈଠକରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ଉଭୟ ନେତା ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଏହାସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଘଟଣାବଳୀ ଉପରେ ମଧ୍ୟ ସେମାନେ ମତାମତ ବିନିମୟ କରିବାର ସମ୍ଭାବନା ରହିଛି।

# ହୋମ୍ ମିନିଷ୍ଟର–କିଶାଉ ପ୍ରକଳ୍ପ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଗତକାଲି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ବହୁଦିନରୁ ପଡ଼ି ରହିଥିବା ଯମୁନା ନଦୀ ଉପରେ କିଶାଉ ବହୁବିଧ ଡ୍ୟାମ୍ ପ୍ରକଳ୍ପ ସମ୍ପର୍କରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ବିବୃତି ଅନୁସାରେ ଏହି ପ୍ରକଳ୍ପ ଲାଗି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା ଓ ରାଜସ୍ଥାନ ଉପକୃତ

ହୋଇପାରିବେ। ଏହି ଚୁକ୍ତିନାମା ସ୍ୱାକ୍ଷରିତ ପରେ କିଶାଉ ପ୍ରକଳ୍ପଟି କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ଲାଗି ପଠାଯିବ ବୋଲି ଏହି ବିବୃତିରେ କୁହାଯାଇଛି।

# ପିଏମ୍ ବାଇଲାଟେରାଲ ମିଟିଂ

ଫ୍ରାନ୍ସର ଏଭିଆନ୍‌ଠାରେ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଶ୍ରୀ ମୋଦୀ ତାଙ୍କର କାନାଡ଼ା ପ୍ରତିପକ୍ଷ ମାର୍କ କାର୍ନେଙ୍କ ସହିତ ଦ୍ୱିପକ୍ଷୀୟ ବୈଠକରେ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ସମ୍ପର୍କରେ ସକାରାତ୍ମକ ଧାରାକୁ ସ୍ୱାଗତ କରିଛନ୍ତି। ଏହାଛଡ଼ା ଭାରତ–କାନାଡ଼ା ରଣନୈତିକ ଭାଗିଦାରୀ ଗଠନ ଦିଗରେ ନିଜ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି। ଏହି ବୈଠକରେ ଉଭୟ ନେତା ଦୁଇଦେଶ ମଧ୍ୟରେ ଜାରି ରହିଥିବା ଏଲଏନ୍‌ଜି ଓ ଏଲ୍‌ପିଜି ସମ୍ପର୍କିତ ବ୍ୟାବସାୟିକ ପଦକ୍ଷେପ ସମେତ ଅର୍ଥନୈତିକ ସହଯୋଗ ପ୍ରଗତିର ସମୀକ୍ଷା କରିଛନ୍ତି। ଏହାଛଡ଼ା ଦୁଇଦେଶ ମଧ୍ୟରେ ଏକ ସମନ୍ୱିତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା ସ୍ୱାକ୍ଷରିତ କରାଯିବା ଦିଗରେ ଜାରି ରହିଥିବା ପଦକ୍ଷେପ ଉପରେ ମଧ୍ୟ ଉଭୟ ନେତା ସନ୍ତୋଷବ୍ୟକ୍ତ କରିଛନ୍ତି। ସେହିଭଳି ପ୍ରତିରକ୍ଷା ଓ ସୁରକ୍ଷା

ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ଏକ ସାଧାରଣ ସୁରକ୍ଷା ସୂଚନା ଚୁକ୍ତିନାମା  ସ୍ୱାକ୍ଷର କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଉଭୟ ଦେଶ ସମ୍ମତି ପ୍ରଦାନ କରିଛନ୍ତି ।

ଶ୍ରୀ ମୋଦୀ ତାଙ୍କର ବ୍ରିଟିଶ ପ୍ରତିପକ୍ଷ କିର ଷ୍ଟାର୍ମରଙ୍କ ସହିତ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ୨୦୩୫ ଦୃଷ୍ଟିକୋଣ ଅନୁଯାୟୀ, ଭାରତ ଓ ବ୍ରିଟେନ୍ ସମ୍ପର୍କର ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି । ଏହାଛଡ଼ା ଦୁଇଦେଶ ମଧ୍ୟରେ ସମନ୍ୱିତ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମାର ଯଥାଶୀଘ୍ର କାର୍ଯ୍ୟକାରିତା କରାଯିବା ଉପରେ ଉଭୟ ନେତା ଗୁରୁତ୍ୱ ଦେବା ସହିତ ବାଣିଜ୍ୟ ପ୍ରତିରକ୍ଷା, ଶିକ୍ଷା ଓ ଜନସମ୍ପର୍କ ଆଦି କ୍ଷେତ୍ରରେ ସହଯୋଗର ଅଗ୍ରଗତିକୁ ସ୍ୱାଗତ କରିଛନ୍ତି । ଏହି ବୈଠକରେ ଭାରତ–ବ୍ରିଟେନ୍ ସମନ୍ୱିତ ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ପ୍ରଧାନମନ୍ତ୍ରୀ ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିବା ସହିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗରେ ମତବିନିମୟ କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଆଲ୍ ନାହ୍ୟାନଙ୍କ ସହିତ ଦ୍ୱିପକ୍ଷୀୟ ବୈଠକ କରିଛନ୍ତି । ଏହି ବୈଠକରେ ପଶ୍ଚିମ ଏସିଆ ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ଲାଗି ଆନ୍ତର୍ଜାତିକ

ନିୟମ, ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ହର୍ମୁଜ ପ୍ରଣାଳୀ ଦେଇ ମୁକ୍ତ, ସୁରକ୍ଷିତ, ବାଣିଜ୍ୟ କାରବାର ଜାରି ରଖିବା ଲାଗି ଉଭୟ ନେତା ଆହ୍ୱାନ ଦେଇଛନ୍ତି। ଭାରତ–ୟୁଏଇ ମଧ୍ୟରେ ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ପ୍ରତିରକ୍ଷା ଆଦି କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷୀୟ ସହଯୋଗର ଅଗ୍ରଗତି ସମ୍ପର୍କରେ ମଧ୍ୟ ଉଭୟ ନେତା ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଯାଉଥିବା ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ' ରାଷ୍ଟ୍ରପତି ଆଲ୍ ନାହ୍ୟାନ୍‌ଙ୍କୁ ନିମନ୍ତ୍ରଣ କରିଛନ୍ତି।

ପ୍ରଧାନମନ୍ତ୍ରୀ କେନିଆର ରାଷ୍ଟ୍ରପତି ୱିଲିୟମ୍ ରୁଟୋ, ଇଜିପ୍ଟ ରାଷ୍ଟ୍ରପତି ଆବ୍‌ଦେଲ ଫାତାହା ଏଲ୍‌ସିସି, ଜାପାନର ପ୍ରଧାନମନ୍ତ୍ରୀ ସାନାଇ ତାକାଇଚି ଏବଂ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗଙ୍କ ସହିତ ପୃଥକ ପୃଥକ ବୈଠକରେ ଯୋଗଦେଇ ଦ୍ୱିପକ୍ଷୀୟ ତଥା ଆଞ୍ଚଳିକ ଓ ବୈଶ୍ୱିକ ସମ୍ପର୍କ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।

## ଏମ୍‌ଏସ୍‌ଜେଇ- ନଶାମୁକ୍ତ ଅଭିଯାନ

'ନିଶା ମୁକ୍ତ ଭାରତ ଅଭିଯାନ' ଅନ୍ତର୍ଗତ 'ନିଶା ମୁକ୍ତ ଭାରତ ସପ୍ତାହ' ଆଜିଠାରୁ ଆରମ୍ଭ ହେଉଛି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଆଜି ଏହି ସପ୍ତାହକୁ ଆଭାସୀ ମାଧ୍ୟମରେ

ଉଦଘାଟନ କରିବେ। ଦେଶବ୍ୟାପୀ ନିଶାଦ୍ରବ୍ୟର ଅପବ୍ୟବହାର ବିରୋଧରେ ସଚେତନତା ବୃଦ୍ଧି କରିବା, ନାଗରିକମାନଙ୍କର ଅଂଶଗ୍ରହଣକୁ ସୁଦୃଢ଼ କରିବା ଏବଂ ସ୍ୱେଚ୍ଛାସେବୀମାନଙ୍କ ଯୋଗଦାନକୁ ଆହୁରି ବ୍ୟାପକ କରିବା ହେଉଛି ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

# କ୍ରିକେଟ

ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଆଜି ଅନୁଷ୍ଠିତ ହେବ। ତିନି ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ର ଆଜିକାର ମ୍ୟାଚ ଲକ୍ଷ୍ନୌସ୍ଥିତ ଭାରତ ରତ୍ନ ଶ୍ରୀ ଅଟଳବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମ୍‌ଠାରେ ଅପରାହ୍ନ ୧ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ବର୍ତ୍ତମାନ ସୁଦ୍ଧା ଭାରତ ୧-୦ରେ ଏହି ସିରିଜ୍‌ରେ ଅଗ୍ରଣୀ ରହିଛି।